## ରୋଗ ଓ ପୋକ :

| ରୋଗପୋକ | ଲକ୍ଷଣ | ପ୍ରତିକାର |
|---|---|---|
| ସାହେବୀ ରୋଗ | ଭୂତାଣୁ ଜନିତ ଏହି ରୋଗରେ ପତ୍ର ଗୁଡିକ ହଳଦିଆ ପଡିଯାଏ । ଦିନର ତାପମାତ୍ରା ଅଧିକ ହେଲେ, ବାୟୁମଣ୍ଡଳର ଆର୍ଦ୍ରତା ବଢିଲେ ଏହି ରୋଗ ଦେଖାଯାଏ । | ଜ୍ୟୋତି, ସୁଜାତା, ପୁଷା-୧୦୦ ଆଦି ସହନଶୀଳ କିସମ ଚାଷ କରିବା ସହିତ ଧଳାମାଛି ନିୟନ୍ତ୍ରଣ ଜରୁରୀ । |
| ପତ୍ରଚିତା ରୋଗ | ପତ୍ରରେ ବିଭିନ୍ନ ପ୍ରକାରର ମାଟିଆରୁ କଳାଦାଗର ବିବର୍ଣ୍ଣ ଦାଗ ଦେଖାଯାଏ । ଶୀତଋତୁରେ ଏହାର ପ୍ରାର୍ଦୁଭାବ ଅଧିକ ଥାଏ । | ସଲଫେକ୍ସ (୦.୪%) କିମ୍ବା ବେଭିଷ୍ଟିନ୍ (୦.୧%) ପ୍ରୟୋଗ କରନ୍ତୁ । |
| ପାଉଁଶିଆ ରୋଗ | ପତ୍ରରେ ଉଭୟ ପାର୍ଶ୍ୱରେ ଧଳା ପାଉଁଶିଆ ଆସ୍ତରଣ ହେବା ସହିତ ଫଳ ଉପରେ ଧଳା ଦାଗ ଦେଖାଯାଏ । ପତ୍ରଗୁଡିକ ଝଡିପଡେ । | ସଲଫେକ୍ସ (୦.୨%) କିମ୍ବା ବେଭିଷ୍ଟିନ୍ (୦.୧%) ପ୍ରୟୋଗ କରନ୍ତୁ |
| ଛୁଇଁବିନ୍ଧା ପୋକ | ଛୁଇଁରେ ମଞ୍ଜି ଗଠନ ସମୟରେ କଣା କରି ସମସ୍ତ ଶସ ଖାଇଯାଆନ୍ତି । | ଟ୍ରାଇଜୋଫସ-୦.୨% କିମ୍ବା କ୍ଲୋରପାଇରିଫସ୍ ୦.୨% ସିଞ୍ଚନ କରନ୍ତୁ । |





## ଅମଳ :

ଛୁଇଁ ପାକଳ ହୋଇ ଶୁଖିଗଲେ ଗଛକୁ ଉପାଡି କିମ୍ବା ଭୂମି ପ  ନରୁ କାଟି ଅମଳ କରିବା ଉଚିତ୍ । ବର୍ଷା ଦିନେ ଥରେ ଦୁଇଥର ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେଲେ ଜମି ଉର୍ବର ହୋଇଥାଏ ।

ଅମଳ ପରେ ମଞ୍ଜିକୁ ଭଲ ଭାବରେ ଶୁଖାଇ ମଞ୍ଜିର ଜଳୀୟ ଅଂଶ ୧୦ ଭାଗରୁ କମ୍ ରଖି କ୍ୟୁ  ାଲ ପ୍ରତି ୨୦୦ ଗ୍ରାମ୍ ସୋରିଷ ତେଲ କିମ୍ବା ରାଶି ତେଲ ମଞ୍ଜିରେ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

**ଅଧିକ ତଥ୍ୟ ପାଇଁ ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**
ସମ୍ପାଦକ ଓ ପ୍ରକାଶକ : ଶ୍ରୀ ଜୟନ୍ତ କୁମାର ପତି, କାର୍ଯ୍ୟକ୍ରମ ସଂଯୋଜକ
ସହଯୋଗ : ଶ୍ରୀ ସୋମଦତ୍ତ ମହାନ୍ତି, କମ୍ପ୍ୟୁଟର କାର୍ଯ୍ୟନିର୍ବାହୀ
କୃତଜ୍ଞତା : ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

# ଉନ୍ନତ ପ୍ରଣାଳୀରେ ମୁଗ ଚାଷ



ଶ୍ରୀ ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ
ଶ୍ରୀ ସଂଜୟ କୁମାର ପ୍ରଧାନ
ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ
ବିଷୟବସ୍ତୁ ବିଶେଷଜ୍ଞା (ଗୃହ ବିଜ୍ଞାନ)

ଡାଲି ଜାତୀୟ ଫସଲରେ ମୁଗ ଚାଷର ବିଶେଷ ଚାହିଦା ରହିଛି । ଡାଲି ବ୍ୟତୀତ ମିଠା ଓ ପିଠା ତିଆରିରେ ଏହାର ସ୍ୱତନ୍ତ୍ର ବ୍ୟବହାର ରହିଛି କିନ୍ତୁ ଏହାର ଉନ୍ନତ ଚାଷ ପ୍ରଣାଳୀ ଅଭାବ ହେତୁ ଏହି ଫସଲର ବ୍ୟାପକ ପ୍ରସାର ହୋଇପାରୁ ନାହିଁ । ଅତଏବ ଆମ ଜିଲ୍ଲାରେ ନିମ୍ନପ୍ରଦ   ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇ ପାରିଲେ ମୁଗ ଚାଷରେ ମଧ୍ୟ ଆଶାନୁରୂପକ ଅମଳ ହୋଇପାରିବ ।

## ବିହନର ପରିମାଣ ଓ ବିଶୋଧନ :

ଏକର ପ୍ରତି ୧୦ କି.ଗ୍ରା ବିହନ ଆବଶ୍ୟକ ହୋଇଥାଏ । ୧ କି.ଗ୍ରା. ବିହନକୁ ୩ ଗ୍ରାମ୍ ଥିରାମ୍ କିମ୍ବା ୧.୫ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଗୋଳାଇ ବୁଣିବାର ୧ ସପ୍ତାହ ପୂର୍ବରୁ ବିଶୋଧନ କରିବା ଉଚିତ୍ ।

**କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**

**ବିହନ**

| କିସମର ନାମ | ଋତୁ | ଅମଳ ସମୟ (ଦିନ) | ଆଦାୟ (କ୍ୟୁ/ଏକର) | ରୋଗ ସହଣୀ ଶକ୍ତି |
|---|---|---|---|---|
| ସୁଜାତା | ବର୍ଷା, ଗ୍ରୀଷ୍ମ, ଶରତ | ୬୦-୭୦ | ୩.୫-୪ | ସାହେବୀ |
| କେ ୮୫୧ | ବର୍ଷା, ଗ୍ରୀଷ୍ମ | ୬୫-୭୫ | ୨.୫-୪ | - |
| ଜ୍ୟୋତି | ଶୀତ, ଶରତ, ଗ୍ରୀଷ୍ମ | ୬୫-୭୫ | ୨-୪ | ସାହେବୀ, |
| ପୁଷା ୯୫୩୧ | ଗ୍ରୀଷ୍ମ | ୬୫-୭୫ | ୩ | ସାହେବୀ |
| କୁପର ଗାଓଁ | ବର୍ଷା | ୬୫-୬୫ | ୩ | - |
| ନୟାଗଡ଼-୧ | ଶୀତ | ୭୦-୭୫ | ୩ | - |
| ସିଓ ୪ | ଶରତ, ଶୀତ | ୯୦-୯୫ | ୩-୪ | - |
| ପୁଷ୍ପା ବୈଶାଖୀ | ବର୍ଷା, ଗ୍ରୀଷ୍ମ | ୬୦-୭୦ | ୩ | - |
| ଓୟୁଏମ୍-୧୧-୫ | ବର୍ଷା, ଶରତ, ଗ୍ରୀଷ୍ମ | ୬୫-୭୫ | ୩ | - |
| ଓବିଜିଜି-୫୨ | ବର୍ଷା, ଶରତ, ଗ୍ରୀଷ୍ମ | ୬୦-୭୦ | ୩ | ସାହେବୀ |
| ପି.ଡି.ଏମ୍ ୫୪ | ବର୍ଷା, ଶରତ, ଗ୍ରୀଷ୍ମ | ୬୦-୭୦ | ୨.୫-୪ | ସାହେବୀ |
| ପୁଷା ବିଶାଳ | ବର୍ଷା, ଶୀତ | ୬୫-୭୫ | ୩ | ପାଉଁଶିଆ |
| ଟି.ଏ.ଆର.ଏମ୍-୧ | ଶୀତ | ୬୫-୭୫ | ୩ | - |
| ପି.ଏସ୍.ୟୁ.ଏ-୯୦୭୨ | ଶୀତ | ୬୫-୭୫ | ୩ | - |
| ଟାର୍ମ-୧ | ଶୀତ | ୬୦-୭୦ | ୩-୪ | - |
| ଏସ୍.ଏଲ୍.ଏମ୍.ସି୧-୬ | ଗ୍ରୀଷ୍ମ | ୬୦-୭୦ | ୩-୪ | - |

| ଋତୁ | ବୁଣିବା ସମୟ | ବିହନ ପରିମାଣ (କି.ଗ୍ରା./ଏକର) | ଲଗାଇବା ଦୂରତ୍ୱ (ସେ.ମି.) (ଧାଡ଼ି×ଗଛ) | ଏକର ପ୍ରତି ଗଛ ସଂଖ୍ୟା |
|---|---|---|---|---|
| ଗ୍ରୀଷ୍ମ | ଫେବୃଆରୀ-ମାର୍ଚ୍ଚ | ୧୦ | ୩୦×୧୦ | ୧୩୨୦୦୦ |
| ବର୍ଷା | ଜୁନ୍-ଜୁଲାଇ | ୧୦ | ୩୦×୧୦ | ୧୩୨୦୦୦ |
| ଶରତ | ସେପ୍ଟେମ୍ବର-ଅକ୍ଟୋବର | ୧୨ | ୨୫×୧୦ | ୧୬୦୦୦୦ |
| ଶୀତ | ନଭେମ୍ବର-ଡିସେମ୍ବର | ୧୨ | ୨୫×୧୦ | ୧୬୦୦୦୦ |

**ଜୀବାଣୁ କଲ୍‌ଚର୍ ଉପଚାର :**



ମୁଗ ପାଇଁ ଉଦ୍ଦିଷ୍ଟ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର୍‌ରେ ୪୦୦ ମି.ଲି. ପାଣି ମିଶାଇ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡରେ ଏକ ଏକର ପାଇଁ ଉଦ୍ଦିଷ୍ଟ ୧୦ କି.ଗ୍ରା. ବିହନକୁ ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଉପରବେଳା ଜମିରେ ବୁଣନ୍ତୁ।

ଜୀବାଣୁ କଲ୍‌ଚର୍ ବାୟୁରୁ ଯବକ୍ଷାରଜାନ ସଂଗ୍ରହ କରି ନିଜେ ବ୍ୟବହାର କରିବା ସହିତ ଗଛକୁ ଯୋଗାଇ ଥାଏ।

**ଜମି ପ୍ରସ୍ତୁତି ଓ ବିହନ ବୁଣା :**

ମାଟିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଧାଡିକୁ ଧାଡି ୨୫-୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ବିହନ ବୁଣନ୍ତୁ।

ପାଇରା ଫସଲ ହିସାବରେ ମୁଗ ଫସଲ ଚାଷ କରୁଥିଲେ, ବିହନକୁ ୫-୬ ଘଣ୍ଟା ପାଣିରେ ବତୁରାଇ ଧାନ ଜମିରେ ଛାଟି ଦେଲେ ଜମିରେ ଶୀଘ୍ର ଗଜା ବାହାରିଥାଏ।

**ଖତ ସାର :**

ଜମି ପ୍ରସ୍ତୁତି ପୂର୍ବରୁ ଏକର ପ୍ରତି ୪-୫ ଗାଡ଼ି ସଢ଼ା ଖତ ବ୍ୟବହାର କରନ୍ତୁ। ବିହନ ବୁଣିବା ପୂର୍ବରୁ ଶେଷ ଓଡ ଚଷ ବେଳେ ୮ କି.ଗ୍ରା ଜବକ୍ଷାରଯାନ ଓ ୧୬ କି.ଗ୍ରା ଫସ୍‌ଫରସ୍ ସାର ମାଟିରେ ପ୍ରୟୋଗ କରି ଖତ ଓ ସାରକୁ ମାଟିରେ ମିଶାଇ ଦିଅନ୍ତୁ।

**ଅନ୍ତଃଚାଷ :**

ଫସଲ ତିନି ସପ୍ତାହ ହୋଇଗଲେ ହାତ ଘାସବଛା କରି ଆବଶ୍ୟକ ହେଲେ ବିହନ ବୁଣିବା ପୂର୍ବରୁ ଘାସମରା ଔଷଧ ପେଣ୍ଡାମେଥିଲିନ୍ ଏକର ପ୍ରତି ୭୦୦ମି.ଲି. ଲିଟର ବ୍ୟବହାର କରନ୍ତୁ।

**ଜଳସେଚନ :**

ସାଧାରଣତଃ ବର୍ଷା, ପ୍ରାକ୍ ରବି ଓ ରବି ଋତୁରେ ଚଷ କରାଯାଉଥିବା ମୁଗ ଫସଲ, ଜଳସେଚନ ଆବଶ୍ୟକ କରି ନଥାଏ। ମାତ୍ର ଖରାଟିଆ ମୁଗ ଚାଷ ପାଇଁ ପାଣି ମଡାଇବା ଦରକାର। ଏଥିପାଇଁ ବିହନ ବୁଣିବା ପୂର୍ବରୁ ଜମିର ବତର ଆଣିବା ପାଇଁ ଥରେ, ଗଛ ୨୦-୨୫ ଦିନର ହେଲେ ୨ୟ ଥର, ଫୁଲ ଆସିବା ବେଳକୁ ୩ୟ ଥର ଏବଂ ଛୁଇଁ ପାକଳ ହେବା ସମୟରେ  ଶେଷଥର ପାଣି ମଡାଇବା ଦରକାର। ମୁଗ ଫସଲରେ ହାଲୁକା ଜଳସେଚନ କରିବା ଉଚିତ୍।